# ପ୍ରେସ୍‌ନୋଟ

## ଆଦିବାସୀ ମେଳା-୨୦୨୨ ଓ ଜାତୀୟ ଜନଜାତି କଳା ଓ କଳା ସାମଗ୍ରୀ ପ୍ରଦର୍ଶନୀ

ଆଦିବାସୀ ମାନଙ୍କର କଳା, ସଂସ୍କୃତି, ଚିତ୍ରକଳା ଓ ସ୍ଥାପତ୍ୟକୁ ପ୍ରଦର୍ଶନ କରିବା ସହିତ ବିଭିନ୍ନ ଜଙ୍ଗଲ ଜାତ ଦ୍ରବ୍ୟ ଓ ଆଦିବାସୀଙ୍କ ଉତ୍ପାଦିତ ସାମଗ୍ରୀର ବିପଣନ ଚଳିତବର୍ଷ ଅନୁଷ୍ଠିତ ହେଉଥିବା ଆଦିବାସୀ ମେଳାର ମୁଖ୍ୟ ଉଦ୍ଦେଶ୍ୟ । ପୂର୍ବରୁ ମେଳାର ଅବଧି ପନ୍ଦର ଦିନ ଥିଲା । କରୋନା କଟକଣା ଯୋଗୁଁ ମେଳା ଆୟୋଜନରେ କିଛିଟା ପରିବର୍ତ୍ତନ କରାଯାଇଛି । ଚଳିତ ବର୍ଷ ଏହି ମେଳା କଟକଣା ଉପରାନ୍ତ ଏପ୍ରିଲ-୨୩ରୁ ମଇ-୨ ଯାଏ ଦଶଦିନ ଧରି ଅନୁଷ୍ଠିତ ହେଉଛି । ଆଦିବାସୀ ମେଳା ସହିତ ଜାତୀୟ ଜନଜାତି କଳା ଓ କଳାସାମଗ୍ରୀ ପ୍ରଦର୍ଶନୀ ମଧ୍ୟ ଏହା ସାଙ୍ଗରେ ଅନୁଷ୍ଠିତ ହେଉଛି ।

ଆଦିବାସୀ ମେଳା-୨୦୨୨ ଓ ଜାତୀୟ ଜନଜାତି କଳା ଓ କଳା ସାମଗ୍ରୀ ପ୍ରଦର୍ଶନ ଏପ୍ରିଲ-୨୩ ତାରିଖ ସଂଧ୍ୟା ୬.୦୦ ଘଟିକା ସମୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି ମେଳା ଏପ୍ରିଲ ୨୩ ତାରିଖରୁ ମଇ ୨ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୦ ଦିନ ଧରି ଚାଲିବ । ଚଳିତ ବର୍ଷ ଏହି ମେଳା କଟକଣା ମଧ୍ୟରେ ଅନୁଷ୍ଠିତ ହେଉଛି । ଆଦିବାସୀ ମେଳାର ଅନ୍ୟତମ ଆକର୍ଷଣ ଆଦିବାସୀ ଗାଁ ଚଳିତ ବର୍ଷ ପ୍ରତିଷ୍ଠା ହୋଇନାହିଁ ।

- ❖ ଚଳିତ ବର୍ଷ ଆଦିବାସୀ ମେଳା ଓ ଜାତୀୟ ଜନଜାତି କଳା ଓ କଳାସାମଗ୍ରୀ ପ୍ରଦର୍ଶନୀ ନିମନ୍ତେ ମୋଟ୍ ୧୮୭ଟି ଷ୍ଟଲ୍ ନିର୍ମାଣ କରାଯାଇଛି ।
- ❖ ଆଦିବାସୀ ହାଟରେ ବିଭିନ୍ନ ଆଦିବାସୀ ଓ ଜଙ୍ଗଲ ଜାତ ସାମଗ୍ରୀର ବିକ୍ରିବଟାର ବ୍ୟବସ୍ଥା ହୋଇଅଛି । ଏଙ୍ଖାରେ ୧୦୪ଟି ପିଣ୍ଡି ରହିଛି । ଏଠାରେ ଆଇ.ଟି.ଡି.ଏ ଓ ମାଇକ୍ରୋ ପ୍ରୋଜେକ୍ଟ ଅଂଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଓ ଉତ୍ପାଦିତ ସାମଗ୍ରୀ ବିକ୍ରୟ କରିବେ । ଆଇ.ଟି.ଡି.ଏ ଦ୍ୱାରା ୪୪ଟି ଷ୍ଟଲରେ ଜନଜାତି ସ୍ୱୟଂ ସହାୟକ ଗୋଷ୍ଠୀର ମା' ମାନେ ସେମାନଙ୍କର ଉତ୍ପାଦିତ ଓ ସଂଗୃହିତ ଦ୍ରବ୍ୟ ବିକ୍ରୟ କରିବେ । ୧୭ଟି ଷ୍ଟଲ୍ ଅଣୁପ୍ରକଳ୍ପ ଅଧିନସ୍ଥ ଜନଜାତି ସ୍ୱୟଂ ସହାୟକ ଗୋଷ୍ଠୀର ମା' ମାନଙ୍କୁ ଆବଂଟିତ ହୋଇଛି ।
- ❖ ଜାତୀୟ ଜନଜାତି ଆଦିବାସୀ ଚିତ୍ରକଳା ଓ କଳାସାମଗ୍ରୀ, ହସ୍ତଶିଳ୍ପ ସାମଗ୍ରୀର ବିକ୍ରୟ ପାଇଁ ସ୍ୱତନ୍ତ୍ର ୮୪ଗୋଟି ଷ୍ଟଲ୍ କରାଯାଇଅଛି । ଏଥିରେ ଓଡ଼ିଶା ସମେତ ୧୮ଟି ରାଜ୍ୟର ଆଦିବାସୀ କାରିଗର ମାନେ ତାଙ୍କ କଳା ସାମଗ୍ରୀ ପ୍ରଦର୍ଶନ କରୁଛନ୍ତି । ଅନ୍ୟାନ୍ୟ ଷ୍ଟଲ୍ ମଧ୍ୟରେ ମିଶନ୍ ଶକ୍ତିର ୨୧ଟି, ଓରମାସ୍‌ର ୧୫ଟି ଏବଂ ଟି.ଡି.ସି.ସିର ୨ଟି ଷ୍ଟଲ୍‌ରେ ଜନଜାତି ସାମଗ୍ରୀର ଭରପୁର ସମ୍ଭାର ବିକ୍ରୟ ପାଇଁ ଗଚ୍ଛିତ ରହିଅଛି ।
- ❖ ମେଳାର ପ୍ରତ୍ୟେକ ସନ୍ଧ୍ୟା ୬.୩୦ରୁ ରାତ୍ର ୮.୩୦ ପର୍ଯ୍ୟନ୍ତ ବିଭିନ୍ନ ଜନଜାତି ନୃତ୍ୟ ପ୍ରଦର୍ଶନର ବ୍ୟବସ୍ଥା କରାଯାଇଛି ।

ସୂଚନାଯୋଗ୍ୟ ଯେ, ପ୍ରତିବର୍ଷ ଆଦିବାସୀ ମେଳାକୁ ରାଜ୍ୟ ତଥା ବାହାରୁ ପ୍ରାୟ ୮ରୁ ୧୦ ଲକ୍ଷ ଦର୍ଶକ ଆସିଥାଆନ୍ତି । ଏହି ମେଳାରେ ୫ ରୁ ୬ କୋଟି ଟଙ୍କାର ବ୍ୟବସାୟ ହୋଇଥାଏ । ଭୁବନେଶ୍ୱର ଓ ଏହାର ଆଖପାଖ ଅଧିବାସୀମାନେ ତଥା ଭାରତର ବିଭିନ୍ନ ଅଂଚଳରୁ ବହୁସଂଖ୍ୟାରେ ଆସିଥାନ୍ତି ଏବଂ ସେମାନଙ୍କର ଆବଶ୍ୟକତା ଅନୁଯାୟୀ ବର୍ଷକ ପାଇଁ ହଳଦୀ, ମାଣ୍ଡିଆ, ମୁଗ, ବିରି, ମକା, ବାସନା ଚାଉଳ, ମହୁ, ଝୁଣା, ଝାଡୁ, ପାଳୁଅ ଆଦି ଆଦିବାସୀ ତଥା ଜଙ୍ଗଲ ଜାତ ଦ୍ରବ୍ୟ ଏହି ମେଳାରୁ କ୍ରୟ କରିଥାନ୍ତି ।

ସୁରକ୍ଷା ଦୃଷ୍ଟିକୋଣରୁ ବ୍ୟାପକ ପୋଲିସ୍ ମୁତୟନ କରାଯିବା ସହିତ ବେସରକାରୀ ସୁରକ୍ଷା ସଂସ୍ଥାକୁ ମଧ୍ୟ ନିୟୋଜନ କରାଯାଇଅଛି । ମେଳା ପରିସରର ବିଭିନ୍ନ କୋଣରେ ଏକାଧିକ କ୍ଲୋଜ୍ ସର୍କିଟ୍ କ୍ୟାମେରା ଲଗାଯାଇଅଛି ଏବଂ ଏହାର ମନିଟର ପୋଲିସ୍ କଂଟ୍ରୋଲ୍ ରୁମ୍ ଓ ମୁଖ୍ୟ କଂଟ୍ରୋଲ୍ ରୁମ୍‌ରେ ରହିଅଛି । କରୋନା ସତର୍କତା ପାଇଁ ବିଭିନ୍ନ ସ୍ଥାନରେ ସଚେତନତା ବାର୍ତ୍ତା ଲଗାଯାଇଛି ତଥା ସାନିଟାଇଜର ଏବଂ ମାସ୍କ ବ୍ୟବହାର ପାଇଁ ପ୍ରବର୍ତ୍ତାଯାଉଛି । ନିରାପତା ଦୃଷ୍ଟିକୋଣରୁ ମୁଖ୍ୟ କଂଟ୍ରୋଲ୍ ରୁମ୍, ଆଶୁ ଚିକିତ୍ସା କେନ୍ଦ୍ର, ଅସ୍ଥାୟୀ ଦମ୍ କଳ କେନ୍ଦ୍ର, ଅସ୍ଥାୟୀ ଜନସ୍ୱାସ୍ଥ୍ୟ ଓ ବିଦ୍ୟୁତ୍ ନିୟନ୍ତ୍ରଣ କେନ୍ଦ୍ର ମଧ୍ୟ ଖୋଲାଯାଇଅଛି । ଆବଶ୍ୟକ ପରିମାଣରେ ଅଗ୍ନିନିର୍ବାପକ ଯନ୍ତ୍ର ପ୍ରତ୍ୟେକ ପ୍ରଭାଗରେ ମହଜୁଦ ରଖାଯାଇଛି ।

ପ୍ରତ୍ୟେକ ବର୍ଷ ଭଳି ଦର୍ଶକ ମାନେ ଏହି ମେଳାରୁ ଜିନିଷପତ୍ର କିଣାକିଣି କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମର ଭରପୁର ଆନନ୍ଦ ନେବାପାଇଁ ସମସ୍ତ ସୁବନ୍ଦୋବସ୍ତ ବିଭାଗ ଦ୍ୱାରା କରାଯାଇଛି ।

****

## PRESS NOTE

## ADIVASI MELA AND NATIONAL TRIBAL ART & CRAFT EXHIBITION 2022

Adivasi Mela, the annual culture-cum- trade fair was first started in 1951 at Cuttack. It was shifted to Bhubaneswar, the new capital city in 1954 and held at Adivasi Exhibition Ground, Unit-1, Bhubaneswar. Subsequently, in view of law-and-order situation, the Adivasi Mela is being held at IDCO Exhibition Ground, Unit-III, Bhubaneswar from 2018 onwards.

Initially, the Adivasi Mela was held for a week and subsequently from 2010 the duration of the fair has been increased to 15 days considering popularity of the event gained over the past years.

Due to Corana pandemic situation the Adivasi mela, 2021 was organized in a Hi-brid mode, This Year the Adivasi Mela 2022 along with the national Tribal Art & Craft Exhibition is going to held at IDCO ground from 23 Apr 2022 to 2nd May 2022

The Adivasi Mela 2022 and the National Tribal Art & Craft Exhibition was inaugurated on 23 Apr 2022 at 6.00 Pm by the Hon'ble Chief Minister, Odisha, Sj Naveen Patnaik.

This mela will continue up to 2nd May 2022 for 10 days from 3.30 Pm to 9.30 Pm. As the Mela is Organized in a restricted manner, no Tribal Gaon segment is installed.

The main objective of the Adivasi Mela and national Tribal Art & craft exhibition is about promotion and celebration of the traditions and handicraft of the tribes of India. The fair showcases the colorful tribal art and craft, forest and tribal produces, along with stage performance of tribal dances every evening. "Live Demo of Tribal art and Crafts" are the special highlights of the exhibition.

There are 187 stalls put up for both Adivasi Mela and National Tribal Art & Craft Exhibition.

In tribal Haat segment, ITDAs, Micro Projects, have sponsored 61 Tribal SHGs for selling of their products. That apart mission Shakti, ORMAS and TDCC have also put up their stalls for sell of Tribal product.

In National Tribal Art & Craft Exhibition segment, apart from Odisha, 17th state have participated to showcase their rich Art & Craft tradition.

Local residents of the capital city eagerly wait for this Annual event to collect their yearly household needs while tourists throng to get in overall picture and feel of the tribal society. Now a-days Adivasi Mela witnesses huge footfall of 8-10 lakhs visitors attracting tourists from the foreign countries. The Annual Adivasi Mela provides all facilities like, fast-aid, ambulance, ATM, services etc at the venue. It also ensures safety security measures for the visitors and participants with insurance coverage.

***